**ଏଣ୍ଟୁପୁରୀ ନରସିଂହମ୍ ଏବଂ ପୁତ୍ର**

**ବନାମ**

**ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ**

**(ଏସ୍. କେ. ଦାସ, ଜେ. ଏଲ୍. କପୁର, ଏମ୍. ହିଦାୟତୁଲ୍ଲା, ଜେ. ସି. ଶାହା ଏବଂ ଟି. ଏଲ୍. ଭେଙ୍କଟରାମା ଆୟାର, ନ୍ୟାୟମୂର୍ତ୍ତିମାନେ)**

*ବିକ୍ରୟ ଟିକସ-ଆନ୍ତଃରାଜ୍ୟ ଏବଂ ଆନ୍ତଃରାଜ୍ୟ କାରବାର-ପରୀକ୍ଷା-ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 286 (2)- ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ, 1947 (1947ର XIV), ଧାରା 5 (2 ) ( A) (II) ।*

ଆବେଦନକାରୀ ଯିଏ ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ, ୧୯୪୭ ଅନୁଯାୟୀ ଜଣେ ପଞ୍ଜୀକୃତ ବ୍ୟବସାୟୀ ଥିଲେ, ଓଡ଼ିଶା ରାଜ୍ୟରେ ଗବ ମଞ୍ଜି ଇତ୍ୟାଦି କ୍ରୟ ଏବଂ ପୁନଃ ବିକ୍ରୟ ବ୍ୟବସାୟ ଚଳାଉଥିଲେ।ତାଙ୍କ ପଞ୍ଜୀକରଣ ପ୍ରମାଣପତ୍ର ପାଇବା ଉଦ୍ଦେଶ୍ୟରେ ତାଙ୍କ ଦ୍ୱାରା ଦିଆଯାଇଥିବା ଏକ ଘୋଷଣା ଅନୁଯାୟୀ ଓଡ଼ିଶାରେ ତାଙ୍କ ଦ୍ୱାରା କ୍ରୟ କରାଯାଇଥିବା ସାମଗ୍ରୀ ସେହି ରାଜ୍ୟରେ ପୁନଃ ବିକ୍ରୟ କରାଯିବାର ଥିଲା । ସେ ରାଜ୍ୟ ଭିତରେ କେତେକ ସାମଗ୍ରୀ କିଣିଥିଲେ, କିନ୍ତୁ ତାଙ୍କ ଘୋଷଣାକୁ ଉଲ୍ଲଂଘନ କରି ରାଜ୍ୟ ବାହାରେ ଥିବା ବ୍ୟବସାୟୀମାନଙ୍କୁ ସେ ସାମଗ୍ରୀ ବିକ୍ରି କରିଥିଲେ । ଅଧିନିୟମ ଧାରା 5 (2)(a)(II) ଆଧାରରେ ବିକ୍ରୟ ଟିକସ ଅଧିକାରୀ ଆବେଦନକାରୀଙ୍କ ଟିକସଯୋଗ୍ୟ କାରବାରରେ ରାଜ୍ୟ ଭିତରେ ତାଙ୍କ ଦ୍ୱାରା କରାଯାଇଥିବା କ୍ରୟକୁ ଅନ୍ତର୍ଭୁକ୍ତ କରିଥିଲେ। ଆବେଦନକାରୀଙ୍କ ଯୁକ୍ତି ଥିଲା ଯେ ଏହି କ୍ରୟ ଆନ୍ତଃରାଜ୍ୟ ବାଣିଜ୍ୟ ପ୍ରକ୍ରିୟାରେ ଥିଲା ଏବଂ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 286(2) ଅନୁଯାୟୀ ଏହା ଛାଡ଼ କରାଯାଇଥିଲା ।

*ସିଦ୍ଧାନ୍ତ ହେଲା* ଯେ ଯେଉଁ ବିକ୍ରୟ କାରବାର ଉପରେ ଟିକସ ଲାଗୁ କରାଯାଇଛି, ତାହା ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ରାଜ୍ୟ ମଧ୍ୟରେ ଥିଲା ଏବଂ ଏହା କ୍ରେତାଙ୍କ ଦ୍ୱାରା ରାଜ୍ୟ ବାହାରର ବେପାରୀମାନଙ୍କୁ କରାଯାଉଥିବା ବିକ୍ରୟଠାରୁ ସ୍ୱତନ୍ତ୍ର ଏବଂ ଅଲଗା ଥିଲା । ପୂର୍ବ କାରବାରକୁ ଅଧିନିୟମ ଧାରା 5 (2) (a) (II) ଅଧୀନରେ ଟିକସ ଯୋଗ୍ୟ ଥିଲା ବେଳେ ପରବର୍ତ୍ତୀ କାରବାରକୁ ସମ୍ବିଧାନର ଅନୁଚ୍ଛେଦ 286 (2) ଅନୁଯାୟୀ ଛାଡ କରାଯାଇଥିଲା ।

*ମେସର୍ସ ମୋହନଲାଲ ହରଗୋବିନ୍ଦ ଦାସ ବନାମ ମଧ୍ୟପ୍ରଦେଶ ରାଜ୍ୟ, [1955 ] 2 ଏସ୍. ସି.* ଆର୍. 509, ପ୍ରଭେଦ କରାଯାଇଛି ।

କ୍ରୟ ବିକ୍ରୟ ଆନ୍ତଃରାଜ୍ୟ ଭିତରେ ହୋଇପାରେ, କିନ୍ତୁ ଏହା ଆବଶ୍ୟକ ଯେ ଗୋଟେ ରାଜ୍ୟରୁ ଆଉ ଗୋଟେ ରାଜ୍ୟକୁ ସାମଗ୍ରୀର କ୍ରୟ ବିକ୍ରୟର ପରିବହନ ଏକ ଚୁକ୍ତି ଅଧୀନରେ ହେବ ଉଚିତ । ରାଜ୍ୟ ବାହାରେ ବିକ୍ରୟ ପାଇଁ କୌଣସି ରାଜ୍ୟ ଭିତରେ କରାଯାଇଥିବା କ୍ରୟକୁ ଆନ୍ତଃରାଜ୍ୟ ବାଣିଜ୍ୟ ପ୍ରକ୍ରିୟାର ବୋଲି ଧରାଯାଇପାରିବ ନାହିଁ ଏବଂ ଏହା ଉପରେ ଟିକସ ଲାଗୁ କରିବା ସମ୍ବିଧାନର ଅନୁଚ୍ଛେଦ 286(2) ର ବିରୋଧ ନୁହେଁ ।

*ବେଙ୍ଗଲ ଇମ୍ୟୁନିଟି କମ୍ପାନୀ ଲିମିଟେଡ୍ ବନାମ ବିହାର ରାଜ୍ୟ,* [1955 ] 2 ଏସ୍. ସି. ଆର୍. 603 *ଏବଂ ଟ୍ରାଭାଙ୍କୋର-କୋଚିନ ରାଜ୍ୟ ବନାମ ସନ୍ମୁଘା ବିଳାସ କାଜୁ କାରଖାନା,* [1954 ]ଏସ୍. ସି. ଆର୍.53, ଏହା ଅନୁସରଣ କରିଥିଲା।

ମୂଳ ନ୍ୟାୟିକ ବିଚାର ଆବେଦନ ସଂଖ୍ୟା 12 /1959

ମୌଳିକ ଅଧିକାରକୁ ବାଧ୍ୟତାମୂଳକ ଲାଗୁ କରିବାପାଇଁ ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ ଏହି ଆବେଦନ ।

*ଆର୍. ଗୋପାଳକ୍ରିଷ୍ଣନ, ଏସ୍. ଏନ୍. ଆଣ୍ଡଲି, ଜେ. ବି. ଦାଦାଚାଞ୍ଜି, ରାମେଶ୍ୱର ନାଥ ଏବଂ ପି. ଏଲ୍. ଭୋହରା, ଆବେଦନକାରୀଙ୍କ ପାଇଁ ।*

*ଭାରତର ସଲିସିଟର ଜେନେରାଲ ସି. କେ. ଡାଫ୍ତାରୀ, ଆର. ଗଣପାଥି ଆୟାର ଏବଂ ଟି. ଏମ. ସେନ* ଉତ୍ତରଦାତାମାନଙ୍କ ପାଇଁ ।

1961 ମାର୍ଚ୍ଚ 14 । ନ୍ୟାୟାଳୟଙ୍କର ରାୟ ନ୍ୟାୟମୂର୍ତ୍ତି ଭେଙ୍କଟରାମା ଆୟାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା - ଆବେଦନକାରୀ ଓଡ଼ିଶା ରାଜ୍ୟର ବ୍ରହ୍ମପୁରରେ ବ୍ୟବସାୟ କରୁଥିବା ଏକ ମିଳିତ ହିନ୍ଦୁ ପାରିବାରିକ ସଂସ୍ଥା, ଏବଂ ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ, ୧୯୪୭ର ବ୍ୟବସ୍ଥା ଅନୁଯାୟୀ ଜଣେ ବ୍ୟବସାୟୀ ଭାବରେ ପଞ୍ଜୀକୃତ, ଯାହା ପରେ ଏହି ଅଧିନିୟମ ଭାବରେ ସୂଚିତ | ଏହାର ବ୍ୟବସାୟ ହେଉଛି ସ୍ଥାନୀୟ ଅଞ୍ଚଳରୁ ଗବ ମଞ୍ଜି, ହଳଦୀ, ଜିଙ୍ଗିଲି ଏବଂ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବା ଏବଂ ରାଜ୍ୟ ବାହାରେ ବ୍ୟବସାୟୀମାନଙ୍କୁ ବିକ୍ରୟ କରିବା । ବ୍ରହ୍ମପୁରର ବିକ୍ରୟ ଟିକସ ଅଧିକାରୀ ଆବେଦନକାରୀ ଟିକସଯୋଗ୍ୟ କାରବାରରେ ରାଜ୍ୟ ଭିତରେ ତିଆରି ହୋଇଥିବା ସାମଗ୍ରୀ କ୍ରୟକୁ ଅନ୍ତର୍ଭୁକ୍ତ କରିଥିଲେ, କିନ୍ତୁ

ଉପରୋକ୍ତ ତଥ୍ୟ  ଅନୁଯାୟୀ, ରାଜ୍ୟ ବାହାରେ ବ୍ୟବସାୟୀମାନଙ୍କୁ ସାମଗ୍ରୀ ବିକ୍ରି କରିଥିଲେ ଏବଂ 1 ଏପ୍ରିଲ, 1952 ରୁ ଆରମ୍ଭ ହୋଇ 31 ମାର୍ଚ୍ଚ, 1956 ରେ ଶେଷ ହୋଇଥିବା ଷୋହଳଟି ତ୍ରୈମାସିକରେ ଏହିପରି ବିକ୍ରୟ ହେତୁ 27,161-13-0/ ଟଙ୍କା ଟିକସ ଲାଗୁ କରିଥିଲେ । ଅନୁଚ୍ଛେଦ 32 ଅନୁଯାୟୀ ଦାଖଲ ହୋଇଥିବା ବର୍ତ୍ତମାନର ଆବେଦନରେ ଆବେଦନକାରୀ ଟିକସର ବୈଧତାକୁ ଏହି ଆଧାରରେ ବିରୋଧ କରିଛନ୍ତି ଯେ ପ୍ରଶ୍ନରେ ଥିବା କ୍ରୟ ଆନ୍ତଃରାଜ୍ୟ ବାଣିଜ୍ୟ ସମୟରେ କରାଯାଇଥିଲା ଏବଂ ସେଠାରେ ଲାଗୁକରାଯାଇଥିବା ଟିକସ ଅନୁଚ୍ଛେଦ 282 (2) ର ଉଲ୍ଲଂଘନ ଥିଲା ।

ଅଧିନିୟମ 5 ଅନୁଯାୟୀ ଆକ୍ଷେପିତ ଟିକସ ଲାଗୁ କରାଯାଇଛି, ଯାହା ପ୍ରାସଙ୍ଗିକ ନୁହେଁ, ତାହାକୁ ବାଦ ଦେଇ ନିମ୍ନମତେ କାର୍ଯ୍ୟ କରିଥାଏ:

5. (1) ଏହି ଅଧିନିୟମ ଅନୁଯାୟୀ ଜଣେ ବ୍ୟବସାୟୀଙ୍କ ଦ୍ୱାରା ଦେୟ ଟିକସ ତାଙ୍କ ଟିକସଯୋଗ୍ୟ କାରବାରର ଏକ ତ୍ରୈମାସିକ ଉପରେ ଟଙ୍କାର ଏକ ଚତୁର୍ଥାଂଶ ହାରରେ ଆଦାୟ କରାଯିବ ।

..................................................................................................................

(2) ଏହି ଅଧିନିୟମରେ "ଟିକସଯୋଗ୍ୟ କାରବାର" ଅଭିବ୍ୟକ୍ତିର ଅର୍ଥ ହେଉଛି ଯେ କୌଣସି ଅବଧି ମଧ୍ୟରେ ଜଣେ ବ୍ୟବସାୟୀଙ୍କ ମୋଟ କାରବାରର ଏକ ଅଂଶ ଯାହା ସେଥିରୁ କାଟିବା ପରେ ରହିଥାଏ:

(a) ସେହି ସମୟ ମଧ୍ୟରେ ତାଙ୍କର କାରବାର---------

..................................................................................................................

(ii) କ୍ରୟ ବ୍ୟବସାୟୀଙ୍କ ପଞ୍ଜୀକରଣ ପ୍ରମାଣପତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା ଦ୍ରବ୍ୟର ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କୁ ବିକ୍ରୟ, ଯାହା ଓଡ଼ିଶାରେ ତାଙ୍କ ଦ୍ୱାରା ପୁନଃ ବିକ୍ରୟ ପାଇଁ କିମ୍ବା ଓଡ଼ିଶାରେ କୌଣସି ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ ତାଙ୍କ ଦ୍ୱାରା ବ୍ୟବହାର ପାଇଁ ଉଦ୍ଦିଷ୍ଟ, ଏବଂ ପଞ୍ଜୀକୃତ ବ୍ୟବସାୟୀଙ୍କ ସାମଗ୍ରୀକୁ ବିକ୍ରୟ କରିବା କିମ୍ବା ଏହିପରି ଅନ୍ୟ ଦ୍ରବ୍ୟକୁ ପ୍ୟାକ କରିବା:

ଉଲ୍ଲେଖଥାଉକି, ଯେତେବେଳେ ପଞ୍ଜୀକୃତ ବ୍ୟବସାୟୀଙ୍କ ଦ୍ୱାରା ଏପରି ଦ୍ରବ୍ୟ ତାଙ୍କ ପଞ୍ଜୀକରଣ ପ୍ରମାଣପତ୍ରରେ ନିର୍ଦ୍ଧାରିତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ, ସେତେବେଳେ ସେପରି ବ୍ୟବହୃତ ଦ୍ରବ୍ୟର ମୂଲ୍ୟ ତାଙ୍କ ଟିକସଯୋଗ୍ୟ କାରବାରରେ ଅନ୍ତର୍ଭୁକ୍ତ ହେବ।

.......................................................................................................................

ଏହା ଜଣାପଡ଼ିବ ଯେ ଏହି ଧାରା ଅଧୀନରେ ଯେତେବେଳେ କୌଣସି ବିକ୍ରୟ ହୋଇଥାଏ, ବିକ୍ରେତା ଏହାକୁ ତାଙ୍କ ଟିକସଯୋଗ୍ୟ କାରବାରରେ ଅନ୍ତର୍ଭୁକ୍ତ କରିବାକୁ ପଡ଼ିଥାଏ; କିନ୍ତୁ ଯେତେବେଳେ ବିକ୍ରୟ ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କୁ ହୋଇଥାଏ, ଯିଏ ଘୋଷଣା କରନ୍ତି ଯେ ତାଙ୍କର କ୍ରୟ ଓଡ଼ିଶାରେ ପୁନଃବିକ୍ରୟ ପାଇଁ ହୋଇଛି, ସେତେବେଳେ ଏହାକୁ ବିକ୍ରେତାଙ୍କ କାରବାରରୁ ବାଦ ଦିଆଯାଇଥାଏ ।ଯଦି ପଞ୍ଜୀକୃତ ବ୍ୟବସାୟୀ-କ୍ରେତା ସର୍ତ୍ତକୁ ଭଙ୍ଗ କରି ରାଜ୍ୟ ବାହାରେ ସାମଗ୍ରୀ ବିକ୍ରି କରନ୍ତି, ତେବେ ତାଙ୍କ ଦ୍ୱାରା କ୍ରୟ ସାମଗ୍ରୀକୁ ତାଙ୍କ କାରବାରରେ ଅନ୍ତର୍ଭୁକ୍ତ କରିବେ ଏବଂ ବିକ୍ରୟ ଟିକସକୁ ମୂଲ୍ୟାଙ୍କନ କରିବେ । ସଂକ୍ଷିପ୍ତରେ ତାହାହିଁ ଏହି ମାମଲାରେ ଘଟିଛି । ଆବେଦନକାରୀଙ୍କୁ ବିକ୍ରୟ କରିବା, ଟିକସଯୋଗ୍ୟ କାରବାରରେ ଅନ୍ତର୍ଭୁକ୍ତ ହୋଇନଥିଲା କାରଣ ପଞ୍ଜୀକରଣ ପ୍ରମାଣପତ୍ର ଯାହା ଆବେଦନକାରୀ ଓଡ଼ିଶାରେ ସାମଗ୍ରୀ ପୁନଃ ବିକ୍ରୟ କରାଯିବ ବୋଲି ଏକ ଘୋଷଣାନାମାରେ ପାଇଥିଲେ । କିନ୍ତୁ ଏହି ଘୋଷଣାନାମାକୁ ଉଲ୍ଲଙ୍ଘନ କରି ସେ ରାଜ୍ୟ ବାହାରେ ଥିବା ବ୍ୟବସାୟୀମାନଙ୍କୁ ସାମଗ୍ରୀ ବିକ୍ରି କରିଥିଲେ, ଏବଂ ସେଥିପାଇଁ ସେ ଅଧିନିୟମ 5 (2) (a) (2) ଅନୁଯାୟୀ ଟିକସ ଦେବାକୁ ବାଧ ହୋଇଥିଲେ ।

ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ ଏହି କ୍ରୟ ଆନ୍ତଃରାଜ୍ୟ ବାଣିଜ୍ୟ ସମୟରେ କରାଯାଇଥିଲା, ଏବଂ ଫଳସ୍ୱରୂପଏହା ଉପରେ ବିକ୍ରୟ ଟିକସ ଲାଗୁ କରିବା, ଅର୍ଥହୀନ ଅଟେ | ଅନୁଚ୍ଛେଦ୨୮୬ (୨) ଅନୁଯାୟୀ ଏହି ବ୍ୟବସ୍ଥା ପ୍ରଯୁଜ୍ୟ, କାରଣ ଏହା ଷଷ୍ଠ ସଂଶୋଧନ ପୂର୍ବରୁ ଥିଲା, ଏବଂ ଏହା ନିମ୍ନମତେ ଚାଲିଥିଲା:

> "ସସଂଦ ଦ୍ୱାରା ପ୍ରଦତଃ ଅନ୍ୟକୌଣସି ନିୟମକୁ ଛାଡି, କୌଣସି ରାଜ୍ୟର କୌଣସି ଆଇନ କୌଣସି ଦ୍ରବ୍ୟର ବିକ୍ରୟ କିମ୍ବା କ୍ରୟ ଉପରେ ଟିକସ ଲାଗୁ କରିବ ନାହିଁ କିମ୍ବା ଲାଗୁ କରିବାକୁ ପ୍ରାଧିକୃତ ହେବେ ନାହିଁ ଯେଉଁଠାରେ ଆନ୍ତଃରାଜ୍ୟ ବାଣିଜ୍ୟ କିମ୍ବା ବାଣିଜ୍ୟ ସମୟରେ ଏପରି ବିକ୍ରୟ କିମ୍ବା କ୍ରୟ ହେଉଥାଏ |

ଆବେଦନକାରୀ ତରଫରୁ ତର୍କ ହେଉଛି ଯେ ଯେହେତୁ ସାମଗ୍ରୀଗୁଡିକ ରାଜ୍ୟ ବାହାରେ ବ୍ୟବସାୟୀ ମାନଙ୍କୁ ବିକ୍ରୟ ଉଦ୍ଦେଶ୍ୟରେ କ୍ରୟ କରାଯାଇଥିଲା, ଏବଂ ପ୍ରକୃତରେ ସେଗୁଡିକ ବିକ୍ରି କରାଯାଇଥିଲା, କ୍ରୟ ଆନ୍ତଃରାଜ୍ୟ ବାଣିଜ୍ୟ ସମୟରେ ଥିଲା, ଏବଂ ଟିକସ ଆଦାୟ ଅନୁଚ୍ଛେଦ ୨୮୬ (୨) ଦ୍ୱାରା ପ୍ରଣୀତ ନିଷେଧ ମଧ୍ୟରେ ଥିଲା । ଏହି ଯୁକ୍ତିରେ ଆମେ ସହମତ ନୁହଁ । ଯେଉଁ ବିକ୍ରୟ କାରବାର ଉପରେ ଟିକସ

ଲାଗୁ କରାଯାଇଛି, ତାହା ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ରାଜ୍ୟ ମଧ୍ୟରେ ଥିଲା । ସେଗୁଡ଼ିକ ଓଡ଼ିଶା ରାଜ୍ୟର ବ୍ୟକ୍ତିମାନଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ମଧ୍ୟରେ ଥିବା ବ୍ୟକ୍ତିମାନଙ୍କୁ, ଓଡ଼ିଶାରେ ଥିବା ସାମଗ୍ରୀର ବିକ୍ରୟ ଥିଲା । ତଥ୍ୟ ଏହା ଯେ କ୍ରେତା ସେହି ଜିନିଷଗୁଡ଼ିକୁ ରାଜ୍ୟ ବାହାରେ ଥିବା ବ୍ୟବସାୟୀ ମାନଙ୍କୁ ବିକ୍ରି କରିବା ପ୍ରାସଙ୍ଗିକ ନୁହେଁ, କାରଣ ସେହି ବିକ୍ରି, ଭିନ୍ନ ଏବଂ ଅଲଗା ଯେଉଁ ବିକ୍ରି ଉପରେ ପ୍ରଶ୍ନଗତ ଟିକସ ଲାଗୁ କରାଯାଇଛି । ବର୍ତ୍ତମାନର ଶୁଳ୍କ ଆବେଦନକାରୀଙ୍କ ଦ୍ୱାରା ରାଜ୍ୟ ବାହାରେ ଥିବା ବ୍ୟକ୍ତିମାନଙ୍କୁ ବିକ୍ରୟ ଉପରେ ନୁହେଁ, ବରଂ ରାଜ୍ୟ ଭିତରେ ତାଙ୍କ ଦ୍ୱାରା କ୍ରୟ ଉପରେ ରହିଛି ।ପୂର୍ବ ବିକ୍ରୟ ଆନ୍ତଃରାଜ୍ୟ ବାଣିଜ୍ୟ ପ୍ରକ୍ରିୟାରେ ଅଛି, ଏବଂ ଅନୁଚ୍ଛେଦ ୨୮୬ (୨) ଅନୁଯାୟୀ ଟିକସଯୋଗ୍ୟ ନୁହେଁ, କିନ୍ତୁ ପରବର୍ତ୍ତୀଟି ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ମଧ୍ୟରେ ବିକ୍ରୟ, ଏବଂ ଏହା ଉପରେ ଲାଗୁ ହୋଇଥିବା ଟିକସ ଧାରା ୨୮୬ (୨) କୁ ଅସମ୍ମାନ କରେ ନାହିଁ ।

ଧାରା 286 (2) ଦ୍ୱାରା କ୍ରୟ ପ୍ରଭାବିତ ହୋଇଛି ବୋଲି ତାଙ୍କ ଯୁକ୍ତିକୁ ସମର୍ଥନ କରି ଆବେଦନକାରୀ *ମେସର୍ସ ମୋହନଲାଲ ହରଗୋବିନ୍ଦ ଦାସ ବନାମ ମଧ୍ୟପ୍ରଦେଶ ରାଜ୍ୟ* ([1])ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଉପରେ ନିର୍ଭର କରନ୍ତି । ସେହି ମାମଲାରେ, କେନ୍ଦ୍ରୀୟ ପ୍ରଦେଶ ଏବଂ ବେରାର ବିକ୍ରୟ ଟିକସ ଅଧିନିୟମ, ୧୯୪୭ ଅନୁଯାୟୀ ପଞ୍ଜୀକୃତ ବ୍ୟବସାୟୀ ଥିବା ଆବେଦନକାରୀମାନେ ମଧ୍ୟପ୍ରଦେଶରେ ବିଡ଼ି ଉତ୍ପାଦନ ଏବଂ ବିକ୍ରି ବ୍ୟବସାୟ କରୁଥିଲେ । ସେମାନଙ୍କର ବ୍ୟବସାୟ ଉଦ୍ଦେଶ୍ୟରେ, ସେମାନେ ବମ୍ବେ ରାଜ୍ୟରୁ ବହୁ ପରିମାଣରେ ପ୍ରକ୍ରିୟାକୃତ ତମାଖୁ ଆମଦାନୀ କରିଥିଲେ, ସେଗୁଡ଼ିକୁ ବିଡି ମଧ୍ୟରେ ବାନ୍ଧୁଥିଲେ ଏବଂ ଅନ୍ୟ ରାଜ୍ୟର ବ୍ୟବସାୟୀମାନଙ୍କୁ ବିକ୍ରି କରିଥିଲେ। ବିକ୍ରୟ ଟିକସ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା କରାଯାଇଥିବା କ୍ରୟ ଉପରେ ଏକ ଟିକସ ଲାଗୁ କରିଥିଲେ, ଏହି ଆଧାରରେ ଯେ ସେମାନେ ପଞ୍ଜୀକରଣ ପ୍ରମାଣପତ୍ରରେ ଥିବା ଘୋଷଣାନାମା ଭଙ୍ଗ କରି ମଧ୍ୟପ୍ରଦେଶ ବାହାରେ ଥିବା ବ୍ୟବସାୟୀମାନଙ୍କୁ ବିକ୍ରି କରିଥିଲେ।ଆବେଦନକାରୀଙ୍କ ଯୁକ୍ତି ଥିଲା ଯେ ସେମାନଙ୍କ ଦ୍ୱାରା କ୍ରୟ ଆନ୍ତଃରାଜ୍ୟ ବାଣିଜ୍ୟ, ଓଡ଼ିଶା ଏବଂ ଅନ୍ୟମାନଙ୍କ ମଧ୍ୟରେ ଥିଲା ଏବଂ ଏହା ଉପରେ ଟିକସ ଲାଗୁ କରିବା ଅନୁଚ୍ଛେଦ 286(2)କୁ ବିରୋଧ କରିବା | ଏହି ଯୁକ୍ତିକୁ ଏହି ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯାଇଥିଲା । ଏହା ଦୃଷ୍ଟିଗୋଚର ହେବ ଯେ ଏହି ମାମଲାରେ ବିକ୍ରୟ କରର ଆକଳନ ବମ୍ବେର ବ୍ୟବସାୟୀମାନଙ୍କ ଠାରୁ କ୍ରୟ ଉପରେ ଥିଲା, ଯାହା ଅଧୀନରେ ବମ୍ବେ ରାଜ୍ୟରୁ ମଧ୍ୟପ୍ରଦେଶକୁ ସାମଗ୍ରୀ ପରିବହନ କରାଯାଇଥିଲା । ବର୍ତ୍ତମାନର ମାମଲାରେ, ଯେଉଁ କ୍ରୟଗୁଡ଼ିକର କର ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ରହିଛି, ସେଥିରେ ଓଡ଼ିଶା ରାଜ୍ୟ ବାହାରେ ସାମଗ୍ରୀର କୌଣସି ଗତିବିଧି ସାମିଲ ନଥିଲା । କ୍ରୟ କିମ୍ବା ବିକ୍ରୟ ଆନ୍ତଃରାଜ୍ୟ ମଧ୍ୟରେ ହୋଇପାରେ କିନ୍ତୁ କ୍ରୟ ବିକ୍ରୟର ଚୁକ୍ତି ଆଧାରରେ ଗୋଟେ ରାଜ୍ୟରୁ ଅନ୍ୟ ରାଜ୍ୟକୁ ସାମଗ୍ରୀ

[1] [1995] 2 S.C.R. 509.

ପରିବହନ ହେବ ଆବଶ୍ୟକ । *ବେଙ୍ଗଲ ଇମ୍ୟୁନିଟି କମ୍ପାନୀ ଲିମିଟେଡ୍ ବନାମ ବିହାର* ([1])*ରାଜ୍ୟରେ* ନିମ୍ନଲିଖିତ ପର୍ଯ୍ୟବେକ୍ଷଣଗୁଡ଼ିକ ଉପଯୋଗୀ ଅଟେ:

> "ଏକ ବିକ୍ରୟକୁ ଆନ୍ତଃରାଜ୍ୟ ବାଣିଜ୍ୟ ପ୍ରକ୍ରିୟାରେ ଚାଲିଛି ବୋଲି କୁହାଯାଇପାରିବ ଯଦି ଦୁଇଟି ସର୍ତ୍ତ ସହ ସହମତ ହୁଏ: (1) ଦ୍ରବ୍ୟର ବିକ୍ରୟ, ଏବଂ (୨) ବିକ୍ରୟ ଚୁକ୍ତି ଅଧୀନରେ ସେହି ଦ୍ରବ୍ୟଗୁଡ଼ିକର ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବହନ । ଯଦି ଏହି ଦୁଇଟି ସର୍ତ୍ତ ପୂରଣ ନହୁଏ, ତେବେ ଆନ୍ତଃରାଜ୍ୟ ବାଣିଜ୍ୟ ପ୍ରକ୍ରିୟାରେ କୌଣସି ବିକ୍ରୟ ହୋଇପାରିବ ନାହିଁ ।"

ଆମଦାନୀ କିମ୍ବା ରପ୍ତାନି ସମୟରେ ସାମଗ୍ରୀର ବିକ୍ରୟ କିମ୍ବା କ୍ରୟ ଉପରେ ଟିକସ ଲାଗୁ କରିବା ନିଷେଧ କରୁଥିବା ଅନୁଚ୍ଛେଦ 286(1)(b) ଅନୁଯାୟୀ ଅନୁରୂପ ବ୍ୟବସ୍ଥା ସମ୍ବନ୍ଧରେ, ଏହି ନ୍ୟାୟାଳୟଙ୍କ ଦ୍ୱାରା ଏହା କୁହାଯାଇଛି ଯେ ଏହା କେବଳ ଏକ ବିକ୍ରୟ କିମ୍ବା କ୍ରୟ ଯାହା ଭାରତରୁ କିମ୍ବା ଭାରତ ଭିତରକୁ ସାମଗ୍ରୀର ରପ୍ତାନି କିମ୍ବା ଆମଦାନୀ କିମ୍ବା ରପ୍ତାନିକାରୀ କିମ୍ବା ଆମଦାନୀକାରୀଙ୍କ ଦ୍ୱାରା ନୌପରିବହନ ଦସ୍ତାବିଜ ସ୍ଥାନାନ୍ତର ଦ୍ୱାରା ରାଜ୍ୟରେ ବିକ୍ରୟ କରିଥାଏ, ଯେତେବେଳେ କି ସାମଗ୍ରୀ ସୀମା ଶୁଳ୍କ ପ୍ରତିବନ୍ଧକ ବାହାରେ ଥାଏ, ଯାହା ଛାଡ଼ ମଧ୍ୟରେ ଥାଏ, ଏବଂ *ଟ୍ରାଭାଙ୍କୋର ରାଜ୍ୟ କୋଚିନ ବନାମ ଷଣ୍ମୁଘା ବିଳାସ କାଜୁ କାରଖାନା* ([2]) ମାମଲା ଅନୁଯାୟୀ, ଏପରି ରପ୍ତାନି କିମ୍ବା ଆମଦାନୀ ପୂର୍ବରୁ କିମ୍ବା ଏହା ଅନୁସରଣ କରୁଥିବା ବିକ୍ରୟ ଟିକସ ଛାଡ଼ ମଧ୍ୟରେ ନୁହେଁ । ସମାନ ନୀତି ଆଧାରରେ, ରାଜ୍ୟ ବାହାରେ ବିକ୍ରି ପାଇଁ କୌଣସି ରାଜ୍ୟ ଭିତରେ କରାଯାଇଥିବା କ୍ରୟକୁ ଆନ୍ତଃରାଜ୍ୟ ବାଣିଜ୍ୟ ପ୍ରକ୍ରିୟାରେ ବୋଲି ଧରାଯାଇପାରିବ ନାହିଁ ଏବଂ ଏହା ଉପରେ ଟିକସ ଲାଗୁ କରିବା ସମ୍ବିଧାନର ଅନୁଚ୍ଛେଦ 286(2) ର ବିରୋଧ ନୁହେଁ । ଫଳସ୍ୱରୂପ ଏହି ଆବେଦନକୁ ଖର୍ଚ୍ଚ ସହିତ ଖାରଜ କରାଗଲା ।

*ଆବେଦନ ଖାରଜ ହେଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**TRANSLATED BY:**

Shri Jatadhari Sethi

Translator, High Court of Orissa, Cuttack.

---

1. [1995] 2 S.C.R.603, 784-785.

[2] [1954] S.C.R. 53.